# ତହସିଲ କାର୍ଯ୍ୟାଳୟ, ତିଗିରିଆ

ପତ୍ର ସଂଖ୍ୟା- ୨୩୫୬ ତା- ୨୫।୫।୨୦୨୦

**ଲଘୁ ଖଣିଜ ଉସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ**

**(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- 2016 ଅନୁଯାୟୀ)**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ତିଗିରିଆ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଗୁଡିକ ୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ଆସନ୍ତା ୨୦୨୪-୨୫ ପର୍ଯ୍ୟନ୍ତ ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୂତ୍ରେ ଲିଜ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଛୁକ ବ୍ୟକ୍ତି ବିଶେଷ **OMMC Rule-2016** ରେ ପ୍ରଦତ **FORM- M** ପୂରଣ କରି ତିନୋଟି କପି ସହ ନିମ୍ନଲିଖିତ ଅବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ତିଗିରିଆ କାର୍ଯ୍ୟାଳୟରେ ଥିବା Drop Box ରେ ଆସନ୍ତା **ତା ୨୬.୦୮.୨୦୨୦ ରିଖ ଠାରୁ ୨୮.୦୯.୨୦୨୦** ଧାର୍ଯ୍ୟ ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସର ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ( ଛୁଟିଦିନ ବ୍ୟତିତ) ଲଫାପା ଉପରେ ସଇରାତ ଉସର ନାମ ଓ ସଇରାତ କେସ ନମ୍ବର ଲେଖାଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖରେ ପୂର୍ବ ଦିନ ଅପରାହ୍ନ ୫.୩୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନୀଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଅଛି। ତା **୧୦.୦୯.୨୦୨୦** ରିଖ ଦିବା ୧୧ ଘ. ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତମାନ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ। ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜଧାରୀ ଚୟନ ନ ହୋଇପାରିଲେ ପୁନଃ ନିଲାମ ଯଥାକ୍ରମେ **ତା ୧୮.୦୯.୨୦୨୦** ରିଖ '(ଦିବା ୧୧ ଘ. ଏବଂ ତା **୨୮.୦୯.୨୦୨୦** ଦିବା ୧୧ ଘଟିକା ଅନୁଷ୍ଠିତ ହେବ । ପ୍ରତି ନିଲାମ ତାରିଖ ପୂର୍ବ କାର୍ଯ୍ୟ ଦିବସ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣୀୟ ।

ଦରଖାସ୍ତ ସହ ଦାଖଲ ଦାଖଲ କରିବାକୁଥିବା ଦସ୍ତାବିଜ –

୧. ଦରଖାସ୍ତ ପାଉଣା ବାବଦ ୧୦୦୦.୦୦ (ଅଣଫେରସ୍ତ) ର ଟ୍ରେଜେରୀଚାଲାଣ (Head of Account- 0853, Non-Ferrous Mining and Metallurgical Industries 102- Mineral Concessin Fees, Rents and Royalities) ପଇଠ କରିବେ ।

୨. Mines and Mineral (Development & Regulation Act 1957 & OMMC Rule)

ଅଧିନସ୍ଥ ଖଣିଜ ପ୍ରାପ୍ୟ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଅବେଦନକାରି ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (solvency Certificate ) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯାହାର ଅବଧି ଅନ୍ତତଃ ଅଠରମାସ ହେବା ଆବଶ୍ୟକ )

[Requisite amount of Solvency/ Bank Guarantee]

= Offered Additional charge + Royality X Minimum Guaranteed Quantity (for one year)

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ (Addl. Charge) ଓ ରୟାଲିଟିର ଶତକଡା ୫ ଭାଗ EMD (Ernest Money Deposit) ନିମନ୍ତେ ତହସିଲଦାର ଟିଗିରିଆଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ନିର୍ଦ୍ଧାରିତ ହୋଇଥିବା EMD (Ernest Money Deposit) ର ପରିମାଣକୁ ଆବେଦନକାରୀ ତହସିଲଦାର ଟିଗିରିଆଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ମଧ୍ୟମରେ ଦରଖାସ୍ତ ସହ ସଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୫. ଗତ ବର୍ଷର ଆୟକର ଦାଖଲ (Income Tax Return Filling) ବିବରଣୀର ନକଲ ।

୬. ଦରଖାସ୍ତକାରୀ ଲଫାପାରେ ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ

ଆବେଦନକାରୀଙ୍କ ନାମ ଓ ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭.ଯଦି ଇସ୍ତାହାରରେ ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ (www.cuttack.nic.in) ରେ ଉପଲବ୍ଧ ।

## ବିଶେଷ ସର୍ତ୍ତାବଳି-

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ ୨୦୧୬, ଓ Manual ଓ Tahasil Account ର ପରିସରଭୁକ୍ତ ରହିବେ ।

୨. ଅତିରିକ୍ତ ଦେୟର ସର୍ବୋଚ୍ଚ ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରି ମାଧ୍ୟମରେ ଯୋଗ୍ୟ ଆବେଦନକାରିଙ୍କୁ ମନୋନିତ କରାଯିବ ।

ଆବେଦନକାରି ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority ) ଧାର୍ଯ୍ୟ ହୋଇଥିବା ରୟାଲିଟି ମୂଲ୍ୟ ଏବଂ Steel & Mines Department , Govt. Of Odisha ର ଚିଠି ନଂ ୪୫୦୫ ତା ୨୧.୦୫.୨୦୧୬ ଏବଂ OMMC Rule- 2016 । ନିର୍ଦ୍ଦେଶ ପ୍ରକାରରେ ଆବେଦନକାରି ଅତିରିକ୍ତ ଦେୟ ର ପରିମାଣ ରୟାଲଟି ମୂଲ୍ୟ ର ଶତକଡା ୫ ଠାରୁ କମ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବନାହିଁ ଏବଂ ଦରଖାସ୍ତ ନାକଚ ହେବ ।

୪. ଚୟନ ହୋଇଥିବା ଲିଜଧାରୀ ୧୫ ଦିନ ମଧ୍ୟରେ ସେହି ଆର୍ଥିକ ବର୍ଷ ପାଇଁ ଡ଼ାକିଥିବା ଅତିରିକ୍ତ ଦେୟ , ଧାର୍ଯ୍ୟ ଗଚ୍ଛିତ ଖଣିଜ ଦ୍ରବ୍ୟର ରୟାଲିଟି ( ଘନ. ମି. ପ୍ରତି ଟ ୧୩୦.୦୦ଙ୍କା ହାରରେ )ଏବଂ ସ୍ଥିରିକୃତ District Mineral Foundation ବାବଦ ଦେୟ ପଇଠ କରିବେ ।

୫. ଯଦି ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ ଦର୍ଶାଇଥିବା ଆବେଦନକାରୀ ନିର୍ଧାରିତ ସମୟସୀମା ମଧ୍ୟରେ ରୟାଲିଟି / ଅମାନତ ରାଶି/ District Mineral Fund/ Environment Management fund/ Dead rent/ Surface Rent ଇତ୍ୟାଦି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦୀତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୬. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୭. ନୀଲାମଧାରୀମାନେ OMMC Rule- ୨୦୧୬ ର ସମସ୍ତ ସର୍ତ୍ତାବଳି ମାନିବା ନିମନ୍ତେ ବାଧ୍ୟ ।

୮. ସର୍ବୋଚ୍ଚ ନିଲାମଧାରିଙ୍କ ଦ୍ୱାରା ମୂଲ୍ୟାଙ୍କ ହୋଇଥିବା ରୟାଲିଟିରେ ଯଦି ଚୁକ୍ତିପତ୍ର ସମ୍ପାଦନ ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ ତେବେ ଏହା ତାଙ୍କ ପାଇଁ ଲାଗୁ ହେବ ।

୯. ଲିଜଧାରୀ ଜମା ଦେୟର୨% ଆୟକର (T.D.S) ବାବଦକୁ ଚାଲଣ ଆକାରରେ ଜମା କରିବେ ଏବଂ ସମସ୍ତ ରୟାଲିଟି ଓ ଅତିରିକ୍ତ ଦେୟ ମୂଲ୍ୟର ଶତକଡା ୫ ଭାଗ ଅର୍ଥ, ପରିବେଶ ପରିଚାଳନା ପାଣ୍ଠିକୁ ଦେୟ ରୂପେ ପଇଠ କରିବେ ।

୧୦.ଲିଜଧାରୀ ଲିଜ ଅବଧି ମଧ୍ୟରେ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ବାର୍ଷିକ ଦେୟ (ଯଥା - ରୟାଲିଟି , ଅତିରିକ୍ତ ଦେୟ ଓ ଅନାନ୍ୟ ଲିଜ ଦେୟ ) ବର୍ଷ ଆରମ୍ଭରୁ ପଇଠ କରିବେ ।

୧୧. ଲିଜ ଚୁକ୍ତିନାମା ସମ୍ପାଦନା ପରେ ଓ ଲିଜ ର ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥିରିକୃତ ଅନୁସୂଚି - ୨(Schedule-II ରେ ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ, ତାହା ହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାଇ ଅବଶିଷ୍ଟ ରୟାଲିଟି ଦରବୃଦ୍ଧି ତାରିଖଠାରୁ ପଇଠ କରିବେ ।

୧୨. ଦରଖାସ୍ତକାରୀ Mines Act .୧୯୫୭ ଏବୋଂ Éxplosive Act। ୧୯୮୪ ର ସମସ୍ତ ନିୟମ ଏବଂ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୩. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ ପ୍ରାକୃତିକ ବିପର୍ଯ୍ୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୪. ଯଦି ଏହି ସଇରାତ ଉତ୍ସର Mining Plan ର ଅନୁମୋଦନ ଓ ପରିବେଶ ମଞ୍ଜୁରୀ ପୂର୍ବରୁ କ୍ଷମତାପର୍ନ ଅଧିକାରୀଙ୍କ ଦ୍ୱାରା ସମ୍ପୂର୍ଣ କରାଯାଇଥାଏ ତେବେ ଉକ୍ତ ଖର୍ଚ ରାଶି ଲିଜଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇ ନଥାଏ ତେବେ ଲିଜଧାରୀ Mining Plan ଅନୁମୋଦନ କରାଇ, ପରିବେଶ ମଞ୍ଜୁରୀ ପ୍ରାପ୍ତ ପରେ ଲିଜ ରାଜିନାମା ପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ହେବେ । ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ , ବିଜ୍ଞପ୍ତି ସଂଖ୍ୟା – ଏସ.ଓ ୧୫୩୩ ତା ୧୪.୦୯.୨୦୦୬ ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧତାମୂଳକ ଅଟେ ।

୧୫. ଲିଜ ପ୍ରଦାନ ପରେ ସଇରାତ ଉତ୍ସ କ୍ଷେତ୍ର ପରିବର୍ତ୍ତନ କରାଯାଇପାରିବ ନାହିଁ ।

୧୬. ସର୍ବୋଚ୍ଚ ଦରର ରୟାଲିଟି ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ତାଙ୍କ ଜମା କରିବା ପରେ ବା ଲିଜ ଚୁକ୍ତିନାମା ସମ୍ପାଦନ କରିବା ପରେ ମୃତ୍ୟୁବରଣକରନ୍ତି ତେବେ ଉକ୍ତ ଜମା କିମ୍ବା ଚୁକ୍ତିନାମା ତାଙ୍କର ଉତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରିନିଆଯିବ ।

୧୭. ଲିଜଧାରୀ ନିଜ ଖର୍ଚ୍ଚ ଓ ଦାଇତ୍ୱରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୮. ସମ୍ବାଦପତ୍ରରେ ବିଜ୍ଞପ୍ତି ପ୍ରକାଶନରେ ସମସ୍ତ ଖର୍ଚ୍ଚ ନୀଳମାଧାରୀ ବହନ କରିବେ । ସଇରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ନିମ୍ନ ଅଧିକାରୀଙ୍କର ଅଛି ।

୧୯. ଏତଦ ବ୍ୟତୀତ ଅନ୍ୟ ଯେକୌଣସି ନିର୍ଦ୍ଦେଶନାମା ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରୀ ତାହା ମାନିବାକୁ ବାଧ ହେବେ ।

୨୦.ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ F ରେ ଜଣାଇଦିଆଯିବା । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନିତ ଆବେଦନକାରି ସର୍ତ୍ତାବଳିର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲିଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Fund ) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ ର Earnest Money କୁ ବାଦଦେଇ ବଳକାଥିବା ରାଶିର ପରିମାଣ ଜମା କରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି , ତେବେ ଦ୍ୱିତିୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୨୧. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Content to operate order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Content to Operate Order ରେ ଲିଜଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

୨୨. ଲିଜଧାରି ସଇରାତ ଉତ୍ସର (Mining Plan ) ନକ୍ସା ଅନୁଯାୟୀ ଏହାର ସିମାସରହଦ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନାନ୍ୟ ସୂଚନା ଉଲ୍ଲେଖ ରହିବ ।

ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ – ତିଗିରିଆ ତହସିଲ କାର୍ଯ୍ୟାଳୟ ତା ୧୦.୦୯.୨୦୨୦ ରିଖ ଦିବା ୧୧ ଘଟିକା ଉପୋରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜଧାରୀ ଚୟନ ନ ହୋଇପାରିଲେ ପୁନଃ ନିଲାମ ଯଥାକ୍ରମେ ତା ୧୮.୦୯.୨୦୨୦ ରିଖ ଦିବା ୧୧ ଘ ଏବଂ ତା ୨୮.୦୯.୨୦୨୦ ରିଖ ଦିବା ୧୧ ଘଟିକାରେ ଅନୁଷ୍ଠିତ ହେବ ।

| କ୍ରମିକ ନଂ | ସଇରାତ ମିସକେଶ ନଂ | ଲଘୁଖଣିଜ ଉତ୍ସର ନାମ | ମୌଜା | ଖାତା | ଖସଡ଼ା | ରକବା | କିସମ | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ପଦାର୍ଥର ପରିମାଣ (ଘନ ମିଟର) | ସର୍ବନିମ୍ନ ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|---|
| ୧ | ୨/୨୦୨୦-୨୧ | ଭେଜିଆ ବାଇଝାଲି ମୁଣ୍ଡିଆ କଳାପଥର ଖଣି | ଭେଜିଆ | ୯୦୨ | ୧୧୬୪/୩୮୮୭ | ଏ ୧.୨୭ | ବାଇଝାଲି ମୁଣ୍ଡିଆ | ୧୮୯୦ cum | ଟ.୯୭.୦୦ |
| ୨ | ୩/୨୦୨୦-୨୧ | ଭେଜିଆ ଡିଗି ମୁଣ୍ଡିଆ କଳାପଥର ଖଣି | ଭେଜିଆ | ୯୦୩ | ୩୩୭୮ | ଏ୩.୦୦ | ପର୍ବତ-II | ୪୫୧୪ cum | ଟ.୯୭.୦୦ |
| ୩ | ୪/୨୦୨୦-୨୧ | ଭେଜିଆ ଝିଙ୍କ କଳାପଥର ଖଣି | ଭେଜିଆ | ୯୦୩ | ୨୮୪୭ | ଏ ୨.୭୯ | ପର୍ବତ-II | ୭୬୧୪ cum | ଟ.୯୭.୦୦ |
| ୪ | ୫/୨୦୨୦-୨୦ | ବାଉରାଣୀ ବଳଦ ବନ୍ଧା କଳାପଥର ଖଣି | ଭେଜିଆ | ୯୦୫ | ୩୧୩୮ | ଏ ୫.୩୬ | ବଗାୟତ-II | ୩୧୬୮ cum | ଟ. ୯୭.୦୦ |

ତହସିଲଦାର, ତିଗିରିଆ